# ପିଲାଙ୍କ ଧରିତ୍ରୀ

ଶନିବାର, ୭ ଜାନୁୟାରୀ, ୨୦୨୩



୭ କବିତା

୮ ଆଇନା

# ୟୁନିଫର୍ମ

ଗପ



ପିଲାମାନେ ପ୍ରତିଦିନ ମା'ଙ୍କଠୁ ଗାଳିମାଡ଼ ଖାଉଥିବା ଦେଖିଲେ ସ୍କୁଲ ୟୁନିଫର୍ମ ଦୁଃଖରେ ଭାଙ୍ଗିପଡ଼େ। ଭାବେ ସେମାନେ ତୁଛାକୁ ମୋ ପାଇଁ ଶୋଧା ଖାଉଛନ୍ତି। ପିଲାଏ କେବେକେବେ ୟୁନିଫର୍ମରେ ମାଟିକାଦୁଅ ଲଗେଇ ଦିଅନ୍ତି ତ ବେଳେବେଳେ ତରକାରି ଆଚାର ଖାଇଥିବା ଅଇଁଠା ହାତଟିକୁ ପୋଛିଦିଅନ୍ତି ପିନ୍ଧା ୟୁନିଫର୍ମରେ। ପୁଣି କେବେ କେମିତି ସ୍କୁଲର ବେଞ୍ଚରେ ଫୁଟି ବାହାରିଥିବା ମୁନିଆ କଣ୍ଟାରେ ଚିରିଫାଡ଼ି ଦିଅନ୍ତି।

ଏମିତି ଦିନେ ୟୁନିଫର୍ମ ଭାବିଲା– ଆଜିଠୁ ମତେ ପିଲାଙ୍କ ସହିତ କଥାବାର୍ତ୍ତା କରିବାକୁ ପଡ଼ିବ। ସେମାନେ ବୋଧେ ଜାଣନ୍ତିନି ତାଙ୍କ ଜୀବନରେ ବି ମୋର ଅସ୍ତିତ୍ୱ ଅଛି। କ'ଣ ପିଲାଏ ମତେ ଚିହ୍ନିଥିବ ? ମୁଁ ହେଉଛି ତୁମ ପିନ୍ଧିଥିବା ସେଇ ୟୁନିଫର୍ମ। ସ୍କୁଲ ଛୁଟିଦିନ ସବୁ ଛାଡ଼ିଦେଲେ ବାକି ପ୍ରତିଦିନ ପାଖାପାଖି ଆଠ ଘଣ୍ଟା ତୁମ ସାଥିରେ ହିଁ ରହିଥାଏ। ଆଜି ମୁଁ ମୋ ଆତ୍ମକଥା ତୁମମାନଙ୍କ ଆଗରେ ବଖାଣୁଚି। ସବାଆଗ ମତେ ସେନାର ଯବାନମାନେ ବନେଇଥିଲେ। ଆଜି ବି ଯେତେବେଳେ ସେମାନେ ମତେ ପିନ୍ଧନ୍ତି ଗର୍ବରେ ମୋ ଛାତି ଫୁଲିଉଠେ। ମୋ ଛାତିରେ ମେଡାଲ ଲାଗିଗଲେ ମୋ ଗର୍ବ ଗୌରବ ଓ ଖାତିର ଆହୁରି ବଢ଼ିଯାଏ। ତମମାନଙ୍କ ପାଖରେ ମୁଁ କେମିତି ପହଞ୍ଚିଲି ଏବେ ତାହା ଶୁଣ ।

ଆଗରୁ ଆମ ଦେଶରେ ଗୁରୁକୁଳ ଆଶ୍ରମରେ ପିଲାଏ ପାଠ ପଢୁଥିଲେ। ଦେଶ ସ୍ୱାଧୀନ ହେଲା ପରେ ସ୍କୁଲ ଶିକ୍ଷାର ବ୍ୟାପକ ପ୍ରଚାର ପ୍ରସାର ହେଲା। ସମସ୍ତଙ୍କୁ ଶିକ୍ଷାର ଅଧିକାର ମିଳିଲା। ପିଲାଏ ସ୍କୁଲ ଯିବାବେଳେ ସମସ୍ତେ ନିଜ ଆଖି ରୁଚିଲା ଭଳି ପୋଷାକପତ୍ର ପିନ୍ଧି ଆସୁଥିଲେ। ତେବେ ଶିକ୍ଷାନୁଷ୍ଠାନର ପିଲାମାନଙ୍କ ଭିତରେ ଧନୀ ଗରିବର ଭେଦଭାବ ନ ରଖିବା ପାଇଁ ୟୁନିଫର୍ମର ବ୍ୟବସ୍ଥା କରାଯାଉ ବୋଲି ଆମ ଦେଶର ବୁଦ୍ଧିଜୀବୀମାନେ ପ୍ରଥମେ ଚିନ୍ତା କରିଥିଲେ। ଏହି ଦୃଷ୍ଟିରୁ ମତେ ପିନ୍ଧିବା ପ୍ରତ୍ୟେକ ସ୍କୁଲରେ ବାଧ୍ୟତାମୂଳକ କରାଗଲା। ସବୁପିଲା ମତେ ଭାରି ଭଲପାଆନ୍ତି। ସବୁବେଳେ ସଫାସୁତରା ୟୁନିଫର୍ମ ପିନ୍ଧିବାକୁ ପସନ୍ଦ କରନ୍ତି। ହେଲେ କିଛିପିଲା ବେପରୁଆ ଭାବେ ମତେ ପିନ୍ଧି ପକାନ୍ତି। ନିଇତି ଅସନା ମଇଳା କରି ମାଆମାନଙ୍କୁ ହଇରାଣରେ ପକାନ୍ତି। ଗାଳି ବି ଖାଆନ୍ତି । କିନ୍ତୁ ଶୃଙ୍ଖଳିତ ଛାତ୍ରୀଛାତ୍ରମାନେ ୟୁନିଫର୍ମକୁ ପରିଷ୍କାର ରଖନ୍ତି। ୟୁନିଫର୍ମ ପରିଷ୍କାର ରହିଲେ ଶରୀର ସୁସ୍ଥ ରହେ ଓ ମନ ଭଲ ରହେ। ତେଣୁ ସମସ୍ତେ ୟୁନିଫର୍ମକୁ ସଫା ରଖିବା ପ୍ରତି ଧ୍ୟାନ ଦେବା ଉଚିତ। ମୁଁ ସେଇ ମାଆମାନଙ୍କୁ ଖୁବ୍ ସମ୍ମାନ କରେ ଯିଏକି ମତେ ସଫାସୁତରା ରଖିଥାନ୍ତି। ଏବେ ଶେଷରେ ମୁଁ ସମସ୍ତଙ୍କୁ ବିନୀତ ଅନୁରୋଧ କରୁଛି କି ସମସ୍ତେ ୟୁନିଫର୍ମକୁ ମହତ୍ତ୍ୱ ନିଶ୍ଚୟ ଦିଅନ୍ତୁ।

**– ନଗେନ୍ଦ୍ର ନାଥ ପଟ୍ଟନାୟକ**
ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ: ୯୪୩୮୩୩୨୧୩୮

## ଖେଳି ଖେଳି ହସ

ରାକେଶ ସ୍କୁଲ୍‌ରୁ ଜଲ୍‌ଦି ଆସିଲା। ଏହାଦେଖି ତା' ମା' ପଚାରିଲେ– ଆରେ ତୁ କ'ଣ ଜଲ୍‌ଦି ଆସିଲୁ, କ'ଣ ହେଲା ?
ରାକେଶ: ମା' ସ୍କୁଲ୍‌ରେ ଗୋଟେ ମଶା ମାରିବାରୁ ମିସ୍ ଘରକୁ ଯା' ବୋଲି କହିଲେ।
ମା'– ଗୋଟେ ମଶା ମାରିଦେଲୁ ବୋଲି ସ୍କୁଲ୍‌ରୁ ବିଦା କରିଦେଲେ !
ରାକେଶ: କଥା କ'ଣ କି ମା' ମଶାଟା ମିସ୍‌ଙ୍କ ଗାଲରେ ବସିଥିଲା।

ଗୋଟେ ଇଣ୍ଟରଭ୍ୟୁରେ ପଚରାଗଲା, ରେଡିଓ ଓ ଖବରକାଗଜ ମଧ୍ୟରେ କ'ଣ ଫରକ ଅଛି ?
ଶର୍ମା ଜୀ: ସାର୍, ରେଡିଓ ଉପରେ ପରଟା ଥୋଇ ହୁଏ ନାହିଁ, କିନ୍ତୁ ପେପର ଉପରେ ଥୋଇହୁଏ।

ମା–ପୁଅ ମଧ୍ୟରେ କଥାବାର୍ତ୍ତା।
ମା: ପୁଅ ନେ ଖେଚେଡ଼ି ଖାଇଦେ।
ପୁଅ–ମୁଁ ତା' ବିନା ଖାଇପାରିବିନି।
ମା' (ଚପଲ ଉଠାଇ)– କିଏ ସେ ?
ପୁଅ: ଆଚାର !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ରଙ୍ଗ ଦିଅ



## ମତାମତ

✪ ପୃଷ୍ଠା ୪ ଓ ୫ରେ ସ୍ଥାନ ପାଇଥିବା ଗତ ବର୍ଷର କୁନି ମଡେଲଙ୍କ ଫଟୋଗୁଡ଼ିକ ଆକର୍ଷଣୀୟ ହୋଇଛି।
**– ରାଜଶ୍ରୀ ଦାଶ, ଜାଗମରା, ଭୁବନେଶ୍ୱର**

✪ ନୂଆବର୍ଷ ସମ୍ପର୍କିତ ସମସ୍ତ କବିତା ବେଶ୍ ମନଛୁଆଁ ଥିଲା।
**– ଅସୀମା ବେହେରା, ବୁର୍ଲା, ସମ୍ବଲପୁର**

✪ନୂଆବର୍ଷ କେଉଁ ଦେଶରେ କେବେରୁ ବିଭିନ୍ନ ସ୍ଥାନରେ କେଉଁଦିନ ନୂଆବର୍ଷ ପାଳନ ହୁଏ ଜାଣିବାକୁ ମିଳିଲା।
**– ସୋନାଲିନ୍ ମହାପାତ୍ର, ତିର୍ତ୍ତୋଲ, ଜଗତ୍‌ସିଂହପୁର**

✪ ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ହାପି ନିଉ ଇୟର' ଗପଟି ଶିକ୍ଷଣୀୟ ହୋଇଛି।
**– ଶର୍ମିଷ୍ଠା ପଟ୍ଟନାୟକ, ବିଷୋୟୀ, ମୟୁରଭଞ୍ଜ**



## ମଣିଷଙ୍କ ଭଳି ଆଙ୍ଗୁଠି ଛାପ

ବିଶ୍ୱର କୌଣସି ଜୀବଜନ୍ତୁ ଦେଖିବାକୁ ହୁଏତ ମଣିଷଙ୍କ ଭଳି ହୋଇ ନ ଥାନ୍ତି। କିନ୍ତୁ ଏମିତି ଏକ ପ୍ରାଣୀ ଅଛି ଯିଏ ଦେଖିବା ପାଇଁ ଆଦୌ ମଣିଷଙ୍କ ଭଳି ନୁହେଁ, ହେଲେ ତା ହାତର ଆଙ୍ଗୁଠି ଛାପ (ଫିଙ୍ଗର ପ୍ରିଣ୍ଟ) ପୁରା ମଣିଷଙ୍କ ଭଳି। ଏହି ଭିନ୍ନ ଧରଣର ପ୍ରାଣୀଟି ହେଉଛି କୋଆଲା। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ୍ୟ। କୋଆଲାର ଆଙ୍ଗୁଠି ଛାପ ଅବିକଳ ମଣିଷଙ୍କ ଭଳି। ଏମିତିକି ଅଷ୍ଟ୍ରେଲିଆରେ ଦେଖାଯାଉଥିବା କୋଆଲାଙ୍କ ଆଙ୍ଗୁଠିରେ ଥିବା ରେଖାର ତରଙ୍ଗାୟିତ ଶୈଳୀ ମଧ୍ୟ ମଣିଷ ସହିତ ବହୁତ ମେଳ ଖାଏ। ଏଥିପାଇଁ ପୋଲିସ ମଧ୍ୟ ବେଳେବେଳେ ବିଭିନ୍ନ ଅପରାଧିକ ତଦନ୍ତ କରିବା ସମୟରେ ଦ୍ୱନ୍ଦ୍ୱରେ ପଡିଯାଇଥାନ୍ତି। କାହିଁକିନା କୌଣସି ସ୍ଥାନରେ ଥିବା ଆଙ୍ଗୁଠି ଛାପ କୋଆଲା କିମ୍ବା ମଣିଷଙ୍କର ତାହା ଜାଣିବା ଏତେ ସହଜ ହୋଇ ନ ଥାଏ।

ପିଲାମାନେ କିଛି ଭୁଲ୍ କରିଦେଲେ ଅଭିଭାବକ କିମ୍ବା ଶିକ୍ଷକଙ୍କଠାରୁ ଗାଳି ଶୁଣିବା ଭୟରେ ମିଛ କଥା କହିଥାନ୍ତି। ଗୋଟିଏ ସତ ଲୁଚାଇବା ପାଇଁ ଡରରେ ସେମାନେ ମିଛ କଥା କୁହନ୍ତି। ଏହିପରି ମିଛ କହିବା ଭବିଷ୍ୟତରେ ସେମାନଙ୍କ ବଦଭ୍ୟାସରେ ପରିଣତ ହୋଇଥାଏ।



# ମିଛ...

ପିଲାଙ୍କୁ ଅଳ୍ପ ବୟସରୁ ଶିକ୍ଷା ଦିଆଯାଏ କି ମିଛ କହିବା ଭୁଲ୍ । ହେଲେ ପିତାମାତା କିମ୍ବା ଶିକ୍ଷକଙ୍କ ଡରରେ ସେମାନେ ମିଛ କହିଥାନ୍ତି। ପରୀକ୍ଷାରେ କମ୍ ମାର୍କ ରଖିବା, ପକେଟ୍ ମନି ଟଙ୍କାକୁ ବଦଖର୍ଚ୍ଚ କରିବା, ଘରେ ନ କହି ସାଙ୍ଗମାନଙ୍କ ସହ ବୁଲିବାକୁ ଯିବା ଏହିପରି ଅନେକ କାରଣ ଯୋଗୁ ଘରେ ଗାଳି ଶୁଣିବା ଡରରେ ପିଲା ମନଗଢ଼ା କାହାଣୀ କହିଥାନ୍ତି। ଏଥିସହ ଗୁରୁଜନ କିମ୍ବା ସମବୟସ୍କ ପିଲାଙ୍କଠାରୁ ଦେଖି ପିଲା ମିଛ କହିଥାନ୍ତି। ପିଲାଙ୍କ ମିଛ କହିବା ଅଭ୍ୟାସକୁ କେତେକ ଅଭିଭାବକ ଛୋଟପିଲା ଭାବି ଅଣଦେଖା କରିଦିଅନ୍ତି କିନ୍ତୁ ଏହା ଭବିଷ୍ୟତରେ ସେମାନଙ୍କ ଜୀବନଶୈଳୀ ଏବଂ କ୍ୟାରିୟରରେ ନକାରାତ୍ମକ ପ୍ରଭାବ ପକାଇପାରେ। ତେଣୁ ସେମାନଙ୍କୁ ମିଛ କହିବାରୁ ନିବୃତ୍ତ କରିବା ଆବଶ୍ୟକ।

## ହୋମ୍‌ୱର୍କ ନ କରି ମିଛ କହୁଥିଲି

ହୋମ୍‌ୱର୍କ କରିବାକୁ ବହୁତ ଡରୁଥିଲି। ଅଧିକାଂଶ ସମୟରେ ସ୍କୁଲରେ ହୋମ୍‌ୱର୍କ ନ କରି ଶିକ୍ଷକଙ୍କ ଆଗରେ ବହୁତ ବାହାନା କରୁଥିଲି। କେବେ ମୋ ଦେହ ଖରାପ କଥା କହୁଥିଲି ତ କେବେ ପରିବାର ସଦସ୍ୟଙ୍କ ଅସୁବିଧା କଥା କହି ଠକୁଥିଲି। ଯେତେବେଳେ ମାଆବାବା ଏହି ବିଷୟରେ ଜାଣିଲେ ସେ ଶିକ୍ଷକଙ୍କ ଆଗରେ ମୋ ମିଛକଥା ସବୁ କହିଦେଲେ। ସେଥିପାଇଁ ମୋତେ ସ୍କୁଲରୁ ଓଭର୍ ହୋମ୍‌ୱର୍କ ମିଳିବାକୁ ଲାଗିଲା। ମୋ ଭୁଲ୍ ମୁଁ ଜାଣିପାରିଲି। ଏବେ ରାତିରେ ଶୋଇବା ପୂର୍ବରୁ ସ୍କୁଲ ହୋମ୍‌ୱର୍କ ଶେଷ କରିସାରିବା ପରେ ଶୋଇବାକୁ ଯାଉଛି।

**–ଅନନ୍ୟା ଜେନା,** କ୍ଲାସ୍–୩, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରସୁଲଗଡ଼, ଭୁବନେଶ୍ୱର



## ସ୍ନେହର ସହ ପିଲାଙ୍କୁ ବୁଝାନ୍ତୁ

ପ୍ରାୟ ସମୟରେ ପିଲାମାନେ ମିଛ କହନ୍ତି , ଛୋଟ ମିଛକୁ ତ ଅଣଦେଖା କରାଯାଇପାରେ, କିନ୍ତୁ ବଡ଼ ମିଛ ଭବିଷ୍ୟତରେ ଅଧିକ ଅସୁବିଧାକୁ ଡାକିଆଣେ । ମିଛ କହିବା ଅଭ୍ୟାସ ପିଲାଙ୍କ ନିଜ ପରିବାର , ସାହି ପଡ଼ିଶା ଓ ସାଙ୍ଗସାଥୀମାନଙ୍କଠାରୁ ଆସେ। ଏ ମିଛ ଅଭ୍ୟାସକୁ ପିଲାଠାରୁ ଦୂରେଇବାକୁ ହେଲେ ପ୍ରଥମେ ତା'ର ଅଭିଭାବକଙ୍କୁ ସତ କହିବା ସହିତ ସତ କଥାର ବିଶେଷତ୍ୱ ଓ ମିଛ କଥା କହିଲେ କ'ଣ ଅସୁବିଧା ହେବ ସେ ବିଷୟରେ ପିଲାଙ୍କୁ ଜଣାଇବା ଦରକାର। ଶିକ୍ଷକ ମାନେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏ ଅଭ୍ୟାସକୁ ପିଲାଙ୍କଠାରୁ ଦୂରେଇବାକୁ ହେଲେ ପିଲାଙ୍କୁ ସବୁବେଳେ ବୁଝାନ୍ତୁ ଯେ, ମିଛ କହିବା ହେଉଛି ସବୁଠାରୁ ଖରାପ ଅଭ୍ୟାସ। ଯେଉଁମାନେ ମିଛ କୁହନ୍ତି ସେମାନେ ବିଶ୍ୱାସର ପାତ୍ର ହୋଇ ପାରନ୍ତି ନାହିଁ। ଯେତେବେଳେ ସତକଥା ଅନ୍ୟ ଲୋକଙ୍କୁ ଜଣାପଡ଼େ, ସେତେବେଳେ ସେମାନେ ତାଙ୍କଠାରୁ ଦୂରେଇଯାଆନ୍ତି।



ପିଲା ମିଛ କହୁଥିଲେ ଅଭିଭାବକ ସେମାନଙ୍କୁ ଗୋଟିଏ ପରେ ଗୋଟିଏ ପ୍ରଶ୍ନ କରନ୍ତୁ। ଗୋଟିଏ ଦୁଇଟି ପ୍ରଶ୍ନର ଉତ୍ତର ଦେବା ସହଜ କିନ୍ତୁ ଅନେକ ମିଛ କହିବା ସହଜ ହୋଇ ନ ଥାଏ। ଏମିତିରେ ଆପଣ ଲଗାତର ପ୍ରଶ୍ନ କରିବା ଦ୍ୱାରା ପିଲା ଡରିଯାଇଥାନ୍ତି ଏବଂ ତାଙ୍କ ମୁହଁରୁ ସତ ବାହାରିଯାଇଥାଏ। ତେବେ ଯେତେବେଳେ ଆପଣଙ୍କୁ ଜଣାପଡୁଛି ଯେ ପିଲା ମିଛ କହୁଛି ତେବେ ତାଙ୍କୁ ରାଗିକରି କିମ୍ବା ଧମକାଇ ନୁହେଁ ବରଂ ସ୍ନେହର ସହ ସେମାନଙ୍କ ମିଛ ବିଷୟରେ ଅବଗତ କରନ୍ତୁ। ଏହାଦ୍ୱାରା ପିଲା ଆପଣଙ୍କ ପାଖରେ କେବେ ମିଛ କହିବ ନାହିଁ। ଏଥିସହ ପିଲାଙ୍କୁ ନିଜ ଅନୁଶାସନକୁ ଆଣିପାରିବେ।

**–ନୃସିଂହ ଚରଣ ପାତ୍ର,** ଶିକ୍ଷକ

## ମାମାଙ୍କୁ ମିଛ କହି କ୍ରିକେଟ ଖେଳିବାକୁ ଯାଉଥିଲି

ସ୍କୁଲ ଛୁଟିହେବା ମାତ୍ରେ ମୁଁ ଘରକୁ ନ ଫେରି ପଡ଼ିଆରେ ସାଙ୍ଗମାନଙ୍କ ସହ କ୍ରିକେଟ୍ ଖେଳୁଥିଲି। ସନ୍ଧ୍ୟା ହୋଇଗଲେ ବି ମୋ ଖେଳ ନିଶା ଛାଡୁ ନ ଥାଏ। ଆଉ ଡେରିରେ ଘରକୁ ଫେରେ। ସେଥିପାଇଁ ଘରେ ପ୍ରତିଦିନ ଗାଳି ଶୁଣୁଥିଲି। ମାମାଙ୍କ ଗାଳିରୁ ବର୍ତ୍ତିବା ପାଇଁ ବହୁ ମିଛ କଥା କହୁଥିଲି। ଦିନେ ମାମା ଖେଳୁଥିବା ସମୟରେ ମୋତେ ଦେଖିନେଲେ। ମୁଁ ବି ତାଙ୍କୁ ଦେଖିବା କ୍ଷଣି ଘରକୁ ଏକା ମୁହଁରେ ଧାଇଁଲି। ଘରକୁ ଆସି ବାବା ଓ ମାମାଙ୍କଠାରୁ ସବୁବେଳେ ମିଛ କହୁଥିବା ଯୋଗୁ ବହୁତ ଗାଳି ଶୁଣିଲି। ତା' ପରେ ମାମା ମୋ ଉପରେ ରାଗି କଥା ହେଲେନାହିଁ। ତାଙ୍କୁ କ୍ଷମା ମାଗିଲି। ମାମା ମୋତେ ଗେହ୍ଲା କରି ବହୁତ ବୁଝାଇଲେ। ଏବେ ସ୍କୁଲରୁ ସିଧା ଘରକୁ ଫେରୁଛି। ତା' ପରେ ଖେଳିବାକୁ ଯାଉଛି। ଆଉ ସଞ୍ଜ ପୂର୍ବରୁ ଘରକୁ ଫେରି ଆସୁଛି।



**–ରୁଦ୍ରପ୍ରସାଦ ସାହୁ,** କ୍ଲାସ୍–୫, ବଳପୁର ହାଇସ୍କୁଲ, ବଳପୁର

## ମିଛ କହି ଘରୁ ଟଙ୍କା ନେଉଥିଲି

ଖାତା ପେନ୍ କିଣିବାକୁ କହି ବାପାଙ୍କଠାରୁ ଟଙ୍କା ନିଏ କିନ୍ତୁ ସେହି ଟଙ୍କାରେ ତେଲଛଣା କିମ୍ବା କୁର୍କୁରି ଓ ଚିପ୍ସ ଖାଇଦିଏ। ସାଙ୍ଗମାନଙ୍କ ସହ ମିଶି ପକେଟ୍ ମନି ଛଡ଼ା ମିଛ କହି ଆଣୁଥିବା ଟଙ୍କା ଖାଇବାପିଇବା ବୁଲାବୁଲି କରି ଖର୍ଚ୍ଚ କରିଦିଏ। ବାପା ଏକଥା ଜାଣିବା ପରେ ମୋ ସ୍କୁଲ ଶିକ୍ଷକଙ୍କୁ ଅଭିଯୋଗ କଲେ। ମୁଁ କିନ୍ତୁ ଡରିଯାଇଥିଲି। ମୋର ଏହି ଭୁଲ୍ ଯୋଗୁ ଶିକ୍ଷକଙ୍କଠାରୁ ଗାଳି କିମ୍ବା ମାଡ଼ ଖାଇବି ବୋଲି ଜାଣିସାରିଥିଲି। କିନ୍ତୁ ସାର୍ ମୋତେ ମିଛ କହିବା ଦ୍ୱାରା କେତେ ଅସୁବିଧା ହୁଏ ବୁଝାଇଲେ। ଏବେ ମୁଁ ମିଛ କହିବା ଛାଡ଼ି ଦେଇଛି। ଯେତେବେଳେ କିଛି ବହିପତ୍ର କିଣିବା ଦରକାର ହେଉଛି ସେବେ ବାପାଙ୍କ ଠାରୁ ଟଙ୍କା ମାଗୁଛି। ଅଯଥା ଟଙ୍କା ଖର୍ଚ୍ଚ କରୁନାହିଁ।



**–ସର୍ବଜିତ୍ ଦଳାଇ,** କ୍ଲାସ୍–୬, ସତ୍ୟଭାମା ଇଂଲିଶ ମିଡିୟମ ସ୍କୁଲ, ବଳିଆପଣ୍ଡା, ପୁରୀ




୧


୨


୩


୭


୪



୫


୬


୧

**ଅନୁଷ୍କା ବେଉରା**
କ୍ଲାସ୍- ୮, ସେଣ୍ଟ ଜୋଶେଫ ହାୟର ସେକେଣ୍ଡାରି ସ୍କୁଲ, ଭୁବନେଶ୍ୱର


୨

**ଅୟସକାନ୍ତ ସାହୁ**
କ୍ଲାସ୍- ୫, କେନ୍ଦ୍ରୀୟ ବିଦ୍ୟାଳୟ, ବାଲିଘାଟ, ପୁରୀ


୩

**ସାଇ ଶିବେଶ ବେହେରା**
କ୍ଲାସ୍- ୪, କାର୍ମେଲ ସ୍କୁଲ, ରାଉରକେଲା


୪

**ସ୍ନେହାରାଣୀ ସାହୁ**
କ୍ଲାସ୍- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମେଲଛାମୁଣ୍ଡା, ବରଗଡ


୫

**ସୁମେଧା ମିଶ୍ର**
କ୍ଲାସ୍-୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର


୬

**କିରଣବାଳା ନାଥ**
କ୍ଲାସ୍- ୩, ଖୁଣ୍ଟା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ସୋର, ବାଲେଶ୍ୱର


୭

**ଦୀପ୍ତିରାଣୀ ବାରିକ**
କ୍ଲାସ୍- ୧୦, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# କୁନି ଶେଫ୍ ସାନ୍ଭି

ପିଲାମାନେ, ଟେଷ୍ଟି ଟେଷ୍ଟି ଡିସ୍ ଖାଇବାକୁ ବହୁତ ଭଲ ଲାଗେ। ଏଥିସହ ନୂଆ ନୂଆ ଡିସ୍ ଘରେ ତିଆରି କରିବାକୁ ମଜା ଲାଗେ। ତୁମର କେଉଁ କେଉଁ ସବୁ ଖାଦ୍ୟ ପସନ୍ଦ କୁହ ତ। ଜାଣି ଆଶ୍ଚର୍ଯ୍ୟ ହେବ ତୁମରି ପରି ୧୦ବର୍ଷର ଝିଅ ସାନ୍ଭି ଏମ୍ ପରାଜିତ୍ ଘଣ୍ଟାକରେ ୩୩ଟି ଡିସ୍ ରାନ୍ଧି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। କେରଳର ସାନ୍ଭି ୧ଘଣ୍ଟାରେ ଇଡ୍ଲି, ଉପମା, ମସରୁମ୍ ଟିକା, ପାପଡି ଚାଟ୍, ୱାଫେଲ୍ସ, ଫ୍ରାଏଡ୍ ରାଇସ୍, ଚିକେନ୍ ରୋଷ୍ଟ, ପ୍ୟାନ୍ କେକ୍ ଇତ୍ୟାଦି ୩୩ଟି ଡିସ୍ ରାନ୍ଧିଥିଲେ। ତାଙ୍କର ଏହି ରୋଷେଇ କରୁଥିବା ବେଳର ଭିଡିଓଟି ତାଙ୍କ ୟୁଟ୍ୟୁବ୍‌ରେ ପୋଷ୍ଟ କରାଯାଇଛି। ଯାହାକୁ ଦର୍ଶକମାନେ ବହୁ ପରିମାଣରେ ଲାଇକ୍ ଏବଂ ଶେୟାର କରିଛନ୍ତି। ଏଥିସହ କମେଣ୍ଟରେ ସାନ୍ଭିଙ୍କ ରୋଷେଇ ଶୈଳୀକୁ ପ୍ରଶଂସା ମଧ୍ୟ କରିଛନ୍ତି। ତାଙ୍କ ମାଆ ମଞ୍ଜିମା ପରାଜିତ୍ କୁହନ୍ତି, ସାନ୍ଭି ପିଲାଟି ବେଳରୁ ତା' ଜେଜେମାଆ ଏବଂ ମୋଠାରୁ ରୋଷେଇ ଶିଖିବାରେ ଆଗ୍ରହ ଦେଖାଏ। ଅଳ୍ପ ବୟସରୁ ସେ ବହୁତଗୁଡ଼ିଏ ଡିସ୍ ତିଆରି କରିଛି। ସେ ଏକ ରିଆଲିଟି ଶୋ'ରେ ବିଭିନ୍ନ ପ୍ରକାର ଖାଦ୍ୟ ତିଆରି କରି ପରିବେଷଣ କରୁଛି। ସାନ୍ଭି ତା'ର ବନ୍ଧୁ ଓ ପରିବାର ସମର୍ଥନ ଯୋଗୁ ଏହି ସଫଳତା ପାଇପାରିଛି।

## ଏଥରର



- କୃଷିଜାତ ଦ୍ରବ୍ୟ ରପ୍ତାନିରେ ଭାରତ କେଉଁ ସ୍ଥାନରେ ଅଛି?
- ସାରା ପୃଥିବୀରେ କେଉଁ ଦେଶ କେବଳ ଜୈବିକ ସାରରେ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରୁଛି?
- ପୃଥିବୀରେ ପ୍ରାୟ କେତେ ପ୍ରକାର ସେଓ ଉତ୍ପାଦିତ ହୋଇଥାଏ ?
- କେଉଁ ଫଳର ଚାଷ ପୃଥିବୀରେ ଏକ ନମ୍ବର ସ୍ଥାନ ଅଧିକାର କରିଛି?
- କେଉଁ ପଶୁକୁ ମଣିଷ ପ୍ରଥମେ ପୋଷିବା ଆରମ୍ଭ କରିଥିଲା?



## ଗତଥରର

- ଉଗାଦୀ
- ଗୁଡି ପଡୱାନ୍ତି
- ପୁଥଣ୍ଡୁ
- ଭିଷୁ
- ବୈସୁ ଭରଷ





## ନୂଆ ବରଷ

ଆସିଛି ନୂଆ ବରଷ
ଶୁଭାଶୁଭ ଆଗମନକୁ ଅନାଇ
ଥିଲୁ ମନେ ହୋଇ ହରଷ।
ଜଗନ୍ନାଥ ଆମ ଜଗତ ସାଇଁ
ଶୁଭାଶୁଭ ଦାତା ଜଗତ କରତା।
ରୁଦ୍ର ରୂପ ଆମ ଶ୍ରୀ ଲିଙ୍ଗରାଜ
ସଦାଶିବ ହର ନାମକୁ ଧ୍ୟାୟୀରେ
ଗ୍ରହଦୋଷ ମୁକ୍ତ ବଡ ସହଜ।
ମାତାଙ୍କ ଚରଣେ କଲେ ଭକତି
ସହଜରେ ଦୁଃଖ ଯିବ ଦୂର ହୋଇ।
ଗଜାନନ ପଦ କରିଲେ ବନ୍ଦନ
ଅଚିରେ ବିଘ୍ନ ହୋଇବ ନାଶ।
ନବ ଶତାବ୍ଦୀରେ ନବ ବରଷ
ସୁଖ ଶାନ୍ତି ଲଭୁ ସବୁରି ମନ
କର୍ମ ସାଧନାରେ ରହୁ ମାନସ।

– ନିଳାଚଳ ତ୍ରିପାଠୀ
ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର

କ
ବି
ତା

## ଟଗର ଫୁଲ

ଟଗର ବୋଲି ନାମଟି ମୋର
ଦେଖିବାକୁ ମୁଇଁ ଭାରି ସୁନ୍ଦର।
ଦେହର ବରନ ଧବଳ ଅଙ୍ଗ
ଡେମ୍ଫଟି ମୋହର ସବୁଜ ରଙ୍ଗ।
ବେଶି ବଡ଼ ନୁହେଁ ମାଆଟି ମୋର
ଝାମ୍ପୁଲା ହୋଇ ସେ ବଢେ ସତ୍ୱର।
ମୋର ଫଳ ନାହିଁ କି ନାହିଁ ବୀଜ
ପଲ୍ଲବରୁ ଜାତ ହୁଅଇ ବୃକ୍ଷ।
ସବୁଜ ସୁନ୍ଦର ଟଗର ବୃକ୍ଷ
କୋମଳ ପାଖୁଡ଼ା କୋମଳ ପତ୍ର।
ଠାକୁର କତିକୁ ମୁଁ ଆଗେ ଲୋଡ଼ା
ସବୁରି ବାଡ଼ିରେ ହୋଇଛ ଛିଡ଼ା।
କାହାର ବାଡ଼ିରେ କାହା ଦୁଆରେ
କିଏ ବା ରୋପେ ଗୃହ ଅଙ୍ଗନରେ।
ଧୋବ ଫରଫର ଚେହେରା ମୋର
ସେଥିପାଇଁ ମୁଁ ସଭିଙ୍କ ପ୍ରିୟ।
ଜାତିଆଣ ଭାବ ମୋ' ଠାରେ ନାହିଁ
ସବୁଠି ଥାଏ ମୁଁ ଆଦର ହୋଇ।

– ଶିବ ପ୍ରସାଦ ବାହିନୀପତି
ଭାଟପଡ଼ା, କଣାସ, ପୁରୀ
ମୋ: ୮୯୧୭୬୦୪୩୯୬



## ମନଦିଅ ପଢ଼ାପଢ଼ିରେ

ନ ହୋଇ ଚଗଲା ହୁଅ ସୁନାପିଲା
ମନଦିଅ ପଢ଼ାପଢ଼ିରେ
ହୋଇ ସୁମଣିଷ ଅରଜିଲେ ଯଶ
ଦେଶକୁ ପାରିବ ଗଢିରେ !
ମହକରେ ଧରା ହସିଉଠୁ ପରା
ତୁମେ ସଜଫୁଲ କଢ଼ିରେ
କଅଁଳ ବୟସ ହୋଇଗଲେ ଶେଷ
ଆଉ କି ପାରିବ ବଢ଼ିରେ !
ମନକଲେ ଦୃଢ଼ ଜିଣିଯିବ ଗଡ଼
ପର୍ବତ ପାରିବ ଚଢ଼ିରେ
ପଉରୁଷ ବାନା ହେବ ଆଲୋଚନା
ଜନ୍ମଭୂଇଁ ଚଉପାଢ଼ୀରେ !
ଜାଣିବ ଜଗତ ତୁମରି ମହତ
ମୁଣ୍ଡେବନ୍ଧା ହେବ ଶାଢ଼ିରେ
ନାମ କୀର୍ତ୍ତିଯଶ ତ୍ୟାଗ ଓ ଆଦର୍ଶ
ଲୋଡ଼ାହେବ ପରପିଢ଼ିରେ !

– ଜଗଦୀଶ ସାହୁ
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

## କହିଲ ଦେଖି



ଦୁଇ ଅକ୍ଷରରେ ନାଆଁଟି ମୋର
ଫୁଲଟିଏ ମୁହିଁ ତୁମ ବାଡ଼ିର
ଶୀତଦିନେ ମୁହିଁ ଅଧିକ ଫୁଟେ
ବର୍ଷସାରା ମିଳେ ବଜାର ହାଟେ
ହଳଦୀ ନାରଙ୍ଗୀ କେତେ ପ୍ରକାରେ
ଶୋଭାପାଏ ମୁହିଁ ସଭି ସ୍ଥାନରେ
ଠାକୁର ପୂଜାରେ ଲାଗଇ ମୁହିଁ
ସାଜସଜ୍ଜାରେ ମୁଁ ଆଗେ ଝୁଲଇ
ଯିଏ କହିଦେବ ନାଆଁଟି ମୋର
ଆଗକୁ ସେ ହେବ ଭାରି ଚତୁର।

ଉତ୍ତର– ଗେଣ୍ଡୁ

ଚାରି ଅକ୍ଷରରେ ନାଆଁଟି ମୋର
ଶୀତଦିନେ ମୋର ହୁଏ ବିଚାର
ପ୍ରଥମ ଦ୍ୱିତୀୟ ଯୋଗ କରିଲେ
ଜଙ୍ଗଲର ନାମ ବୁଝାଏ ଭଲେ
ତୃତୀୟ ଚତୁର୍ଥ ଯଦି ଯୋଡ଼ିବ
ଫିଷ୍ଟର ଅର୍ଥକୁ ବୁଝାଉଥିବ
ସାଙ୍ଗ ସାଥୀ ହୋଇ ଲୋକେ ଯାଆନ୍ତି
ମାଛ ମାଂସ ରାନ୍ଧି ସେଠି ଖାଆନ୍ତି
ଝରଣାର ପାଣି ସେଠାରେ ମିଳେ
ଭାରି ମଜା ଲାଗେ ପ୍ରକୃତି କୋଳେ
ଏବେ କୁହ ତୁମେ ନାଆଁଟି ମୋର
ଭାବିଚିନ୍ତି ଦେବ ଠିକ୍ ଉତ୍ତର।



ଉତ୍ତର– ବଣଭୋଜି

– ସ୍ୱୟଂପ୍ରଭା ବେହେରା
ବିଡାନାସୀ,କଟକ
ମୋ: ୯୭୭୭୫୨୯୨୭୬



## ବାଦଲ

ପିଲାମାନେ! ଖରାଦିନେ ଖୋଲା ଆକାଶରେ ବାଦଲ ଦେଖିଥିବା ସାଧାରଣତଃ କେତେକ ବାଦଲ ଧଳା, ଗାଢ଼ କଳା ରଙ୍ଗର ଦେଖାଯାଏ। ବାଦଲକୁ ଆକାଶର ଆଭୂଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଛୋଟଛୋଟ ଜଳବୁନ୍ଦା ଓ ବରଫ କ୍ରିଷ୍ଟାଲରେ ପ୍ରସ୍ତୁତ ହୁଏ ବାଦଲ। ଏହା ଏକ ସଘନ ପ୍ରକ୍ରିୟା। ଦିନ ସମୟରେ ପଡୁଥିବା ସୂର୍ଯ୍ୟକିରଣ ମହାସାଗର, ନଦୀ, ଝରଣା, ପୋଖରୀ ଆଦି ଜଳ ଥିବା ସ୍ଥାନରେ ପଡ଼ିଥାଏ; ଯଦ୍ବାରା ପାଣି ଗରମ ହୋଇ ବାଷ୍ପୀଭୂତ ହୋଇଯାଏ। ଯାହାକି ବାୟୁ ସଂସ୍ପର୍ଶରେ ଆସି ଧିରେ ଧିରେ ଉର୍ଦ୍ଧ୍ୱମୁଖୀ ହୋଇଥାଏ। ଆଉ ଏହା ବାୟୁମଣ୍ଡଳର ଉପରସ୍ତରକୁ ଯାଇ ଥଣ୍ଡା ହୋଇଥାଏ ଏବଂ ଘନୀଭୂତ ହେବା ପରେ କ୍ଷୁଦ୍ର ବରଫଖଣ୍ଡରେ ପରିଣତ ହୋଇ ଭାସିଥାଏ, ଯାହାକି ବାଦଲ ଆକାରରେ ପୃଥିବୀପୃଷ୍ଠକୁ ଦେଖାଯାଇଥାଏ। ତେବେ ଏଥିରେ ବାୟୁମଣ୍ଡଳରେ ଉପସ୍ଥିତ ଥିବା ଧୂଳିକଣା, ଧୂଆଁ ମିଶ୍ରିତ ଥିବାରୁ ଏହାର ରଙ୍ଗ ଗାଢ଼ ଦେଖାଯାଇଥାଏ।

## ମହାରତ୍ନ ହୀରା



ହୀରା ଏମିତି ଏକ ରତ୍ନ, ଯାହାକୁ କୌଣସି ବି ଏସିଡ୍ ଦ୍ୱାରା ନଷ୍ଟ କରିପାରିବେ ନାହିଁ। ଏହାକୁ ଅତି ଉଚ୍ଚ ତାପମାତ୍ରାରେ ଗରମ କଲେ ତାହା ପୋଡ଼ି ଭସ୍ମ ହୋଇଯାଏ। ଭାରତରେ ହୀରାର ସନ୍ଧାନ ୪୦୦୦ ବର୍ଷ ପୂର୍ବେ ହୋଇଥିଲା। ଏହା କାର୍ବନରୁ ସୃଷ୍ଟି। ହୀରାକୁ କ୍ୟାରେଟ୍‌ରେ ମପାଯାଏ। ଏକ କ୍ୟାରେଟ୍ ହୀରାକୁ ୦.୨୦୦ ଗ୍ରାମ୍ ବା ୨୦୦ ମିଲିଗ୍ରାମ୍ ବୋଲି ଧରାଯାଏ। ୧୦୦% କାର୍ବନ ପରମାଣୁର ସମ୍ମିଶ୍ରରେ ଏହାର ସୃଷ୍ଟି। ହୀରାକୁ ରତ୍ନ ମଧ୍ୟରେ ମହାରତ୍ନ କୁହାଯାଏ। ୧୯୦୫ରେ ଦକ୍ଷିଣ ଆଫ୍ରିକାରେ 'କୁଲିନାନ୍' ନାମକ ହୀରାକୁ ବିଶ୍ୱର ସବୁଠୁ ବଡ଼ ହୀରା ଭାବରେ ଗ୍ରହଣ କରାଯାଇଥିଲା। କୁହାଯାଏ, ଏହାର ଓଜନ ପ୍ରାୟ ୩୧୬୦ କ୍ୟାରେଟ୍ ଥିଲା। ଦକ୍ଷିଣ ଆଫ୍ରିକା ଏପରି ଏକ ଦେଶ, ଯେଉଁଠି ସବୁଠୁ ଅଧିକ ହୀରା ଉତ୍ପାଦିତ ହୁଏ।



## ଯେଉଁଠି ମଣିଷଠୁ ଘୋଡାସଂଖ୍ୟା ବେଶୀ

ମଙ୍ଗୋଲିଆ ହେଉଛି ପୃଥିବୀର ବୃହତ୍ତମ ସ୍ଥଳଭାଗଘେରା ଦେଶ, ଯାହାର ସୀମାକୁ କୌଣସି ସମୁଦ୍ର ବା ଜଳଭାଗ ସଂଲଗ୍ନ ହୋଇନାହିଁ। ତା'ଛଡା ଅଧିକ ସ୍ଥାନରେ କମ୍ ଜନସଂଖ୍ୟା ରହୁଥିବା ଦେଶ ଭାବେ ମଧ୍ୟ ଏହା ପୃଥିବୀରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଦେଶରେ ଯାତାୟାତ ଲାଗି ମୁଖ୍ୟତଃ ଘୋଡା ଉପରେ ନିର୍ଭର କରୁଥିବାରୁ ସେଠାରେ ଜନସଂଖ୍ୟା ତୁଳନାରେ ଘୋଡାସଂଖ୍ୟା ଅଧିକ। ତା'ଛଡା ସେଠାରେ ଅଧିକ ସଂଖ୍ୟକ ଘୋଡା ରଖୁଥିବା ବ୍ୟକ୍ତିଙ୍କୁ ଧନୀ ବୋଲି ଗ୍ରହଣ କରାଯାଇଥାଏ। ଏଠାରେ ମାଈ ଘୋଡା(ମେୟାର) କ୍ଷୀରକୁ ପାନୀୟ ଭାବେ ମଧ୍ୟ ବ୍ୟବହାର କରାଯାଇଥାଏ। ଏଠାରେ ଦେଖାଯାଉଥିବା ତାଖି ଘୋଡା ହେଉଛି ପୃଥିବୀର ଏକମାତ୍ର ଜଙ୍ଗଲି ଘୋଡା ପ୍ରଜାତି ଯାହା ଗୃହପାଳିତ ନୁହେଁ।

# ଶାସ୍ତ୍ରିଜୀଙ୍କ ବିଷୟରେ କିଛି ରୋଚକ କଥା



**ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ଜାନୁୟାରୀ ୧୧ତାରିଖରେ ହୋଇଥିଲା। ସେ ହେଉଛନ୍ତି ଲାଲ୍‌ବାହାଦୁର ଶାସ୍ତ୍ରୀ। ସେ ନିଜ ଜୀବନର ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟକୁ ଦେଶସେବା ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କ ସମ୍ପର୍କରେ କିଛି ଅଜଣା କଥା...**

✓ ଲାଲ୍‌ବାହାଦୁର ଶାସ୍ତ୍ରୀ ୧୯୦୪ ଅକ୍ଟୋବର ୨ତାରିଖରେ ଜନ୍ମଗ୍ରହଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜନ୍ମଦିନ ଗୋଟିଏ ତାରିଖରେ ପଡ଼ିଥାଏ। ଉତ୍ତର ପ୍ରଦେଶର ଏକ ଛୋଟ ସହର ମୁଗଲସରାଇରେ ସେ ପରିବାର ସହ ରହୁଥିଲେ।

✓ ତାଙ୍କ ପିତାଙ୍କ ନାମ ଶାରଦା ପ୍ରସାଦ ଶ୍ରୀବାସ୍ତବ ଏବଂ ମାତାଙ୍କ ନାମ ରାମଦୁଲାରି ଦେବୀ। ଶାସ୍ତ୍ରୀଙ୍କ ପିତା ଏକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଯେତେବେଳେ ତାଙ୍କୁ ଦେଢ଼ବର୍ଷ ହୋଇଥିଲା ତାଙ୍କ ପିତା ମୃତ୍ୟୁବରଣ କରିଥିଲେ।

✓ ହାଇସ୍କୁଲରେ ନାମ ଲେଖାଇବା ପରେ ସ୍କୁଲ ତାଙ୍କ ଘରଠୁ ଦୂର ହେବାରୁ ସେ ବାରାଣସୀରେ ମାମୁଙ୍କ ଘରେ ରହି ପାଠ ପଢ଼ିଥିଲେ। ଖରାଦିନେ ରାସ୍ତା ତାତିଥିବା ବେଳେ ସେ ଖାଲିପାଦରେ ବହୁ ମାଇଲ୍ ଚାଲିଚାଲି ସ୍କୁଲକୁ ଯାଉଥିଲେ। ଅର୍ଥାଭାବ ଯୋଗୁ ଡଙ୍ଗାରେ ଯିବାକୁ ସେ ସମର୍ଥ ନ ଥିଲେ। ତେଣୁ ଗଙ୍ଗାନଦୀରେ ପହଁରି ସେ ସ୍କୁଲକୁ ଯିବାଆସିବା କରୁଥିଲେ।

✓ ସେ ବାରାଣସୀର କାଶୀ ବିଦ୍ୟାପୀଠରୁ ସ୍ନାତକୋତ୍ତର ଶେଷ କରିଥିଲେ। ତାଙ୍କୁ ସେଠାରେ ସ୍ନାତକୋତ୍ତର ଡିଗ୍ରୀରେ ସମ୍ମାନିତ କରାଯାଇ 'ଶାସ୍ତ୍ରୀ' ଉପାଧି ଦିଆଯାଇଥିଲା। ତେବେ ଏହି ଉପାଧିକୁ ତାଙ୍କ ନାମ ସହ ଯୋଡାଯାଇ ସେ ଲାଲ୍‌ବାହାଦୁର ଶାସ୍ତ୍ରୀ ନାମରେ ପରିଚିତ ହୋଇଥିଲେ।

✓ ଯେତେବେଳେ ଅସହଯୋଗ ଆନ୍ଦୋଳନ ପାଇଁ ଗାନ୍ଧିଜୀ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ଶାସ୍ତ୍ରିଜୀ ସେହି ସମୟରେ ପାଠପଢ଼ା ଛାଡ଼ି ଆନ୍ଦୋଳନରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ। ୧୬ବର୍ଷ ବୟସରେ ଆନ୍ଦୋଳନରେ ଯୋଗ ଦେବାକୁ ଚାହୁଁଥିବା ଶାସ୍ତ୍ରୀଙ୍କୁ ଏଥିପାଇଁ ପରିବାର ପକ୍ଷରୁ ବାରଣ କରାଯାଇଥିଲା କିନ୍ତୁ ସେ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଥିଲେ।

✓ ଅସହଯୋଗ ଆନ୍ଦୋଳନରେ ବ୍ରିଟିଶମାନଙ୍କ ବିରୋଧରେ ଯାଇ ୧୭ବର୍ଷରେ ସେ ଜେଲଦଣ୍ଡ ଭୋଗିଥିଲେ। ଏଥିସହ ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ସେ ମୋଟ ୯ବର୍ଷ କାରାଦଣ୍ଡ ଭୋଗିଥିଲେ।

✓ ଉତ୍ତରପ୍ରଦେଶରେ ପରିବହନ ମନ୍ତ୍ରୀ ଭାବରେ ଯୋଗଦେବା ପରେ ସେ ପରିବହନ ଯାତ୍ରାରେ ପ୍ରଥମ କରି ମହିଳାଙ୍କୁ କଣ୍ଡକ୍ଟର ଏବଂ ଡ୍ରାଇଭର ଭାବରେ ନିଯୁକ୍ତି ଦେବା ପାଇଁ ଆଇନ ଆଣିଥିଲେ।

✓ ପରବର୍ତ୍ତୀ ସମୟରେ ରେଳ ମନ୍ତ୍ରୀ ଥିବା ବେଳେ ଏକ ରେଳ ଦୁର୍ଘଟଣାରେ ଅନେକ ଯାତ୍ରୀ ପ୍ରାଣ ହରାଇଥିଲେ। ଶାସ୍ତ୍ରିଜୀ ଏହି ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରି ନିଜ ପଦରୁ ଇସ୍ତଫା ଦେଇଥିଲେ।

✓ ୯ଜୁନ୍ ୧୯୬୪ ମସିହାରେ ଶାସ୍ତ୍ରିଜୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ଦେଶରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ପାଇଁ ଶ୍ୱେତ ବିପ୍ଳବ ଏବଂ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ସବୁଜ ବିପ୍ଳବ ଆରମ୍ଭ କରିଥିଲେ।

✓ ଶାସ୍ତ୍ରିଜୀ ଦେଶର କୃଷକ ଓ ଯବାନମାନଙ୍କ ଉଦ୍ଦେଶ୍ୟରେ ଜୟ ଯବାନ, ଜୟ କିଷାନ ସ୍ଲୋଗାନ୍ ଦେଇଥିଲେ।

✓ ୧୯୬୬ ମସିହାରେ ସେ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ'ରେ ସମ୍ମାନିତ ହୋଇଥିଲେ। ଏହି ବର୍ଷ ଜାନୁୟାରୀ ୧୧ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ବର୍ତ୍ତମାନ ଯାଏ ତାଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି।

# ଆ ଇ ନା



ଶୁଭ୍ରଜିତ୍ ଖଟୋଇ
(୬ ବର୍ଷ)
ଭୁବନେଶ୍ୱର



ଆହିଲ୍ ମହାନ୍ତି
(୬ ବର୍ଷ)
ଭୁବନେଶ୍ୱର